# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
## କମିଟି ବୈଠକ ବିବରଣୀ

ତା ୧୭.୧୦.୨୦୨୨ ରିଖ

ସମୟ-ପୂର୍ବାହ୍ନ ଘ.୧୦.୩୦ ମିନିଟ୍
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାରମ୍ୟାନ୍,
୨. ଶ୍ରୀ ଭରତ କୁମାର ଲେଙ୍କା,
୩. ଶ୍ରୀମତୀ ମିନୁଶ୍ରୀ ଖୁଂଟିଆ,
୪. ଶ୍ରୀମତୀ ଛବି ଦାଶ,
୫. ଶ୍ରୀ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ,
୬. ଶ୍ରୀମତୀ ମୋନାଲିସା ସାହୁ,
୭. ଶ୍ରୀମତୀ ରଞ୍ଜୁଲତା ରାୟ

ଅଦ୍ୟ ତା ୧୭.୧୦.୨୦୨୨ ରିଖ ପୂର୍ବାହ୍ନ ଘ. ୧୦.୩୦ ମିନିଟ୍ ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଡେଙ୍ଗୁ ରୋଗ ବ୍ୟାପୁଅଛି, କିନ୍ତୁ ନାଳରେ ସାତ ଦିନରେ ଥରେ ମଶା ତେଲ ନପକାଇବାରୁ ମଶା ବଂଶ ବୃଦ୍ଧି ହେବା ସହିତ ଡେଙ୍ଗୁ ରୋଗ ମଧ ବଢୁଅଛି, ତେଣୁ ସମ୍ପୃକ୍ତ ୱାର୍ଡ଼ କର୍ପୋରେଟରଙ୍କ ସହିତ ଯୋଗାଯୋଗ କରି ପ୍ରତ୍ୟେକ ୱାର୍ଡ଼ରେ ଥିବା ଡ୍ରେନ୍‌ରେ ପ୍ରତି ସାତ ଦିନରେ ଥରେ ମଶାତେଲ ପକାଇବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ୪୮ ଗୋଟି ରାସ୍ତା mechanical sweeping ଦ୍ୱାରା ସଫେଇ ହେଉଅଛି, କିନ୍ତୁ ସମ୍ପୃକ୍ତ ଠିକା ସଂସ୍ଥା ଠିକ୍ ଭାବରେ wall to wall ସଫେଇ କରୁନଥିବାର କମିଟିଙ୍କ ଦୃଷ୍ଟିକୁ ଆସିଅଛି । ତେଣୁ ଉକ୍ତ ରାସ୍ତା ଗୁଡ଼ିକରୁ ଭଲଭାବେ GPS & TPW କୁ ସଫା କରିବା ସହିତ ରେଗୁଲାର୍ ବୁସ୍ କଟିଙ୍ଗ୍ ସମ୍ପୃକ୍ତ ସଂସ୍ଥା ସମ୍ପୂର୍ଣ୍ଣ ରାସ୍ତା ସଫା କରିବା, ବାଲି, ଗୋଡ଼ି ଉଠାଇବା ଇତ୍ୟାଦି କରିବା ପାଇଁ ନିର୍ଦ୍ଦେଶ ଦେବା ଏବଂ ଏହିସବୁ କାର୍ଯ୍ୟ ସମ୍ପୃକ୍ତ ସଂସ୍ଥାମାନେ ଠିକ୍ ରୂପେ ସମ୍ପାଦନ କରୁଛନ୍ତି କି ନାହିଁ ତାହା କମିଟିର ସଭ୍ୟ/ସଭ୍ୟାମାନେ ମଧ ତଦାରଖ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳର କେତେକ ସ୍ଥାନରେ ରାସ୍ତା ଉପରକୁ ଗଛ ମାଡ଼ି ଆସିଲାଣି, ସେଠାରେ ଗଛଡ଼ାଳ ଶୀଘ୍ର କଟାଯାଉ, ଆବଶ୍ୟକ ହେଲେ ମେସିନ୍ ଭଡ଼ାରେ ଆଣି ଗଛଡ଼ାଳ କାଟିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ସହରକୁ ସୌନ୍ଦର୍ଯ୍ୟ କରିବା ପାଇଁ ରାଜଭବନ ଛକରୁ ଜୟଦେବ ବିହାର ଛକ ଓ ରାଜଭବନ ଛକରୁ ଏ.ଜି. ଛକ ପର୍ଯ୍ୟନ୍ତ ରାସ୍ତାରେ ଟେରାକୁଟା କୁଣ୍ଡ ରଖି ସେଥିରେ ଛୋଟ ଛୋଟ ଲତା ଲଗାଯାଉ ଏବଂ ଏହାର ରକ୍ଷଣାବେକ୍ଷଣ ପାଇଁ ଗୋଟିଏ ସଂସ୍ଥାଙ୍କୁ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ପାର୍କ ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ କୌଣସି କମ୍ପାନୀ କିମ୍ବା ବ୍ୟବସାୟୀ ସଂସ୍ଥାଙ୍କୁ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଚଳିତ ବର୍ଷ ମଶାତେଲ କେତେ ଆସିଥିଲା, କେଉଁ ୱାର୍ଡ଼ରେ କେତେ ତେଲ, ମାସକୁ କେତେ ଥର ପଡ଼ିଅଛି, ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଗମର ନଗର ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ନିର୍ଦ୍ଧାରଣ-୧(୭). ଭୁବନେଶ୍ୱର ମହାନଗର ନିଗମାଂଚଳରୁ ବାହାରୁଥିବା ଅଳିଆକୁ ସଫେଇ ଠିକାଦାରମାନେ ଖୋଲା ଗାଡ଼ିରେ ନେଉଥିବାରୁ ସେହି ଅଳିଆରୁ କେତେକ ରାସ୍ତା ଉପରେ ପଡୁଅଛି ଏବଂ ସେଥିରୁ ଗନ୍ଧ ବାହାରି ରାସ୍ତାରେ ଯାଉଥିବା ଜନସାଧାରଣ ଅସୁବିଧାର ସମ୍ମୁଖିନ ହେଉଛନ୍ତି, ତେଣୁ ଅଳିଆ ନେଉଥିବା ଗାଡ଼ିକୁ କଭର୍ କରି ନେବାପାଇଁ ଠିକାଦାର ମାନଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). ଭୁବନେଶ୍ୱର ମହାନଗର ନିଗମାଂଚଳରୁ ବାହାରୁଥିବା ଅଳିଆକୁ ଅସ୍ଥାୟୀ ଟ୍ରାଞ୍ଜିଟ୍ ସ୍ଥାନରେ ନପକାଇ ସିଧା ଡ଼ମ୍ପିଙ୍ଗ୍ ୱାର୍ଡ଼ କିମ୍ବା ଏମ୍ ସି ସି କୁ ନିଆଯାଉ ଏବଂ ନାଳ ସଫେଇରୁ ବାହାରୁଥିବା ଅଳିଆକୁ ରାସ୍ତା ଉପରେ ଜମା ନକରି ସିଧା ଉଠାଇ ନେବାପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୯). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁ ସଫେଇ କର୍ମଚାରୀମାନେ ସଫେଇ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ବର୍ଷାଋତୁରେ ରେନକୋର୍ଟ ଏବଂ ଶୀତଦିନେ ଶୀତ ବସ୍ତ୍ର ଦେବାପାଇଁ ସମ୍ପୃକ୍ତ ସଫେଇ ଠିକାଦାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୦). ଭୁବନେଶ୍ୱର ମହାନଗର ନିଗମର ମାନନୀୟା ମେୟର, ଡ଼େପୁଟି ମେୟର, କର୍ପୋରେଟର ଓ କାର୍ଯ୍ୟରତ କର୍ମଚାରୀ ମାନଙ୍କର ଟ ୨,୦୦,୦୦୦/- (ଦୁଇ ଲକ୍ଷ ଟଙ୍କା) ଲେଖାଏଁ ସ୍ୱାସ୍ଥ୍ୟ ବିମା କରିବା ଏବଂ କିସ୍ତି ଅର୍ଥ କର୍ମଚାରୀଙ୍କ ଦରମାରୁ କାଟିବା ଓ ମେୟର, ଡ଼େପୁଟି ମେୟର ଓ କର୍ପୋରେଟରଙ୍କ କିସ୍ତି ସେମାନେ ଦାଖଲ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ରହୁଥିବା କବାଡ଼ିଆ ମାନେ ଯେଉଁ ଅଳିଆ ପକାଉଛନ୍ତି ସେଗୁଡ଼ିକ ସଫେଇ ଠିକାଦାରମାନେ କେତେକ ୱାର୍ଡ଼ରୁ ଉଠାଉଛନ୍ତି, ଆଉ କେତେକ ୱାର୍ଡ଼ରୁ ଉଠାଇ ନେଉନାହାଁନ୍ତି, ଏଥିପାଇଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଅଛି, ତେଣୁ କବାଡ଼ିଆ ମାନଙ୍କୁ ସହର ବାହାରେ ରଖିବା ପାଇଁ ବ୍ୟବସ୍ଥା କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୨). ଭୁବନେଶ୍ୱର ମହାନଗର ନିଗମରେ ନୂଆ ଗ୍ରାମ ମିଶିଥିବାରୁ ପରିସୀମା ବୃଦ୍ଧି ପାଇଲାଣି, ନୂଆ ପ୍ରୋଜେକ୍ଟ ଯଥା-ଏମ୍ ସି ସି ଓ ଏମ୍ ଆର୍ ଏଫ୍ ମଧ୍ୟ ହୋଇଅଛି, ପାର୍କ, SUH ଓ ଆହାର ସେଂଟରର ବୈଦ୍ୟୁତିକ କାର୍ଯ୍ୟ ତଦାରଖ ପାଇଁ ଅଧିକ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର୍ ମାନଙ୍କର ଆବଶ୍ୟକ ହେଉଅଛି, ତେଣୁ ଆଉ ପାଂଚ ଜଣ ଇଲେକ୍ଟ୍ରିକାଲ୍ ଜୁନିୟର୍ ଇଞ୍ଜିନିୟର୍ ଭୁବନେଶ୍ୱର ମହାନଗର ନିଗମକୁ ଦେବାପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୩). ଭୁବନେଶ୍ୱର ମହାନଗର ନିଗମାଂଚଳର ରାସ୍ତାକଡ଼ MSW ଉଠାଇବା ପାଇଁ ତିନି ଗୋଟି Vacuum based Suction Machine (Jatayu Super) କ୍ରୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୪). ଭୁବନେଶ୍ୱର ମହାନଗର ନିଗମାଂଚଳର ୮୦ କି.ମି. ରାସ୍ତା mechanical sweeping ହେଉଅଛି । ଆଗକୁ ପୁରୁଷ ହକି ବିଶ୍ୱକପ୍-୨୦୨୩ ହେଉଥିବାରୁ ତା ୧୫.୧୦.୨୦୨୨ ରିଖ ଠାରୁ ତା ୩୧.୦୧.୨୦୨୩ ରିଖ ପର୍ଯ୍ୟନ୍ତ one extra shift ନିମନ୍ତେ, ପ୍ୟାକେଜ୍-୧ ପାଇଁ ୩୭ ଜଣ ଅତିରିକ୍ତ ଲେବର ଓ ବୁଶ୍ କାଟିବା ପାଇଁ ୧୦ ଜଣ ଲେବର୍ ଲଗାଇବା ଏବଂ ପ୍ୟାକେଜ୍-୨ ପାଇଁ ୪୩ ଜଣ ଅତିରିକ୍ତ ଲେବର୍ ଓ ବୁସ୍ କଟିଙ୍ଗ୍ ପାଇଁ ୧୦ ଜଣ ଲେବର୍ ବ୍ୟବସ୍ଥା କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୫). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଏମ୍ ଆର୍ ଏଫ୍ (ମ୍ୟାଟେରିଆଲ୍ ରିକଭରି ଫ୍ୟାସିଲିଟି) ଗୁଡ଼ିକରେ Waste Paper/ Polythene କୁ compress କରିବା ପାଇଁ ୨୪ ଗୋଟି ବେଲିଙ୍ଗ୍ ମେସିନ୍ କ୍ରୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୬). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁ ବ୍ୟବସାୟିକ ଅନୁଷ୍ଠାନ, ବାସଗୃହ, ବ୍ୟବସାୟୀ, ବୁଲାବିକାଳି ଇତ୍ୟାଦି ଶୁଖିଲା ଏବଂ ଓଦା ଅଳିଆ ରଖିବା ପାଇଁ ଉପଯୁକ୍ତ ଆକାରର ଦୁଇଗୋଟି ଡ଼ଷ୍ଟବିନ୍ ନ ରଖିବେ ସେମାନଙ୍କ ଠାରୁ ଟ ୫,୦୦୦/- (ପାଂଚ ହଜାର ଟଙ୍କା) ଏବଂ ଯେଉଁମାନେ ଅଳିଆ ସଂଗ୍ରହ କରୁଥିବା ଗାଡ଼ିକୁ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା ଭାବେ ହସ୍ତାନ୍ତର କରୁନାହାଁନ୍ତି ସେମାନଙ୍କ ଠାରୁ ଟ ୫୦୦/- (ପାଂଚ ଶହ ଟଙ୍କା) ଜୋରିମାନା (penalty/fine/spot fine) ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୭). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁ ବହୁତଳ ପ୍ରାସାଦ ବାସିନ୍ଦା, ହାଟ ବ୍ୟବସାୟୀ, ଅନୁଷ୍ଠାନ, ହୋଟେଲ୍,ରେଷ୍ଟୁରାଂଟ୍ ଇତ୍ୟାଦି ଶୁଖିଲା ଏବଂ ଓଦା ଅଳିଆ ରଖିବା ପାଇଁ ଉପଯୁକ୍ତ ଆକାରର ଦୁଇଗୋଟି ଡ଼ଷ୍ଟବିନ୍ ନ ରଖିବେ ସେମାନଙ୍କ ଠାରୁ ଟ ୫,୦୦୦/- (ପାଂଚ ହଜାର ଟଙ୍କା) ଏବଂ ଯେଉଁମାନେ ଅଳିଆ ସଂଗ୍ରହ କରୁଥିବା ଗାଡ଼ିକୁ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା ଭାବେ ହସ୍ତାନ୍ତର କରୁନାହାଁନ୍ତି ସେମାନଙ୍କ ଠାରୁ ଟ ୫୦୦/- (ପାଂଚ ଶହ ଟଙ୍କା) ଜୋରିମାନା (penalty/fine/spot fine) ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିରଂଚି ନାରାୟଣ ମହାସୁପକାର
ସଭାପତି
ତା ୧୭.୧୦.୨୦୨୨ ରିଖ